# କରୋନା ମହାମାରୀ ମୁକାବିଲା ସମୟରେ ମତ୍ସ୍ୟ ସମ୍ପଦ ବିକାଶ ପାଇଁ
# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମପଞ୍ଚାୟତ ପୋଖରୀରେ ମାଛ ଚାଷ



ମହିଳା ସଶକ୍ତିକରଣ ପରିପ୍ରେକ୍ଷିରେ ମତ୍ସ୍ୟ ବିଭାଗର ଏହି କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ। ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ ପାଇଁ ରାଜ୍ୟ ମତ୍ସ୍ୟ ବିଭାଗ ଦ୍ୱାରା ଗ୍ରାମ ପ୍ରଞ୍ଚାୟତ ପୋଖରୀରେ ମଧୁର ଜଳ ମାଛ ଚାଷ ନିମନ୍ତେ ଏହି ନୂତନ ଯୋଜନା ଆରମ୍ଭ କରାଯାଇଛି। ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ମିଶନ୍ ଶକ୍ତି, ପଞ୍ଚାୟତିରାଜ ବିଭାଗ ଓ ବିଶ୍ୱସ୍ତରୀୟ ସଂଗଠନ ୱାର୍ଲଡ୍‌ଫିସ୍ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଚାଲୁଅଛି।

### ଯୋଜନାର ଲକ୍ଷ୍ୟ



- ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ଆର୍ଥିକ ବିକାଶ ଓ ସଶକ୍ତିକରଣ
- ରାଜ୍ୟର ମତ୍ସ୍ୟ ଉତ୍ପାଦନ ବୃଦ୍ଧି
- ମାଛ ଚାଷ ପ୍ରତି ସାଧାରଣରେ ଆଗ୍ରହ ସୃଷ୍ଟି
- ଗ୍ରାମାଞ୍ଚଳରେ ଅପପୁଷ୍ଟି ସମସ୍ୟାର ଦୂରୀକରଣ

### ଯୋଜନାର ରୂପରେଖ

- ମିଶନ ଶକ୍ତି ଦ୍ୱାରା ସ୍ୱିକୃତିପ୍ରାପ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ହୋଇଥିବା ଆବଶ୍ୟକ।
- ଗ୍ରାମ ପଞ୍ଚାୟତ ପୋଖରୀକୁ ସଂପୃକ୍ତ ଗୋଷ୍ଠୀଙ୍କୁ ଅନ୍ୟୁନ ତିନିବର୍ଷ କିମ୍ବା ତଦୁର୍ଦ୍ଧ ସମୟ ନିମନ୍ତେ ଲିଜ୍ ଦିଆଯିବ।
- ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ମାଛଚାଷ ନିମନ୍ତେ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯାଏ।
- ମାଛ ଚାଷ ନିମନ୍ତେ ଆବଶ୍ୟକ ଉନ୍ନତ ଜାଆଁଳ, ମାଛ ଖାଦ୍ୟ, ସାର ଓ ଅନ୍ୟାନ୍ୟ ସାମଗ୍ରୀ ଉପରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ଟ୧,୫୦,୦୦୦/- ରଖାଯାଇଛି। ପ୍ରକଳ୍ପ ମୂଲ୍ୟର ୬୦ ପ୍ରତିଶତ ଅର୍ଥାତ୍ ହେକ୍ଟର ପ୍ରତି ସର୍ବାଧିକ ଟ.୯୦,୦୦୦/- ର ରିହାତି ପ୍ରଦାନର ବ୍ୟବସ୍ଥା ରହିଛି।
- କାର୍ପମାଛ (ରୋହି, ଭାକୁର ଓ ମିରକାଳି) ସହିତ ଅଧିକ ପୁଷ୍ଟିଯୁକ୍ତ ମହୁରାଳି ମାଛ ଚାଷ ପାଇଁ ଏହି ଯୋଜନାରେ ପ୍ରୋତ୍ସାହନ ଦିଆଯାଏ। ଏହା ଦ୍ୱାରା ଗ୍ରାମାଞ୍ଚଳର ପୁଷ୍ଟି ହୀନତା ଦୂର ନିମନ୍ତେ ଲକ୍ଷ୍ୟ ରଖାଯାଇଛି।
- ମାଛ ଚାଷରେ ସଫଳତା ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ନିୟମିତ ବୈଷୟିକ ପରାମର୍ଶ ପ୍ରଦାନ କରାଯାଏ।

**"ମହିଳାଗୋଷ୍ଠୀଙ୍କୁ ସୁଯୋଗ ଦେବେ, ମାଛଚାଷ କରି ସଶକ୍ତ ହେବେ"**

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ
କିମ୍ବା ନିକଟସ୍ଥ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**